# NATIONAL NEWS BULLETIN (ODIA)

**16 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଦାନ କରିବେ ରାଷ୍ଟ୍ରପତି

- ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଆସନ୍ତା ରବିବାର ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ

- ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ଆଞ୍ଚଳିକତା ଏବଂ ଧର୍ମକୁ ବ୍ୟବହାର କରୁଥିବା ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ

- ବୈଦେଶିକ ସଚିବଙ୍କ ସହ ଆଜି ସାକ୍ଷାତ ଆଲୋଚନା କଲେ ଶ୍ରୀଲଙ୍କାର ଏକ ୨୪ ଜଣିଆ ଯୁବ ପ୍ରତିନିଧି ମଣ୍ଡଳୀ

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ ମହିଳା ଆନ୍ତର୍ଜାତିକ ଏକଦିବସୀୟ ତିନିଟିକିଆ କ୍ରିକେଟ୍ ସିରିଜ୍‌ର ଆଜି ସନ୍ଧ୍ୟାରେ ଖେଳାଯିବ ପ୍ରଥମ ମ୍ୟାଚ୍

## ସ୍ୱଚ୍ଛ ସର୍ବେକ୍ଷଣ

ନୂଆଦିଲ୍ଲୀରେ ଆସନ୍ତାକାଲି ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ– ସହରାଞ୍ଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସ୍ୱଚ୍ଛ

ସହରଗୁଡ଼ିକୁ ସମ୍ମାନିତ କରାଯିବ।  ଚାରୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ସେଗୁଡ଼ିକ ମଧ୍ୟରେ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ଜନସଂଖ୍ୟା ଆଧାରରେ ତିନୋଟି ଶୀର୍ଷ ସ୍ୱଚ୍ଛ ସହରକୁ ପୁରସ୍କାର ପ୍ରଦାନ କରାଯିବ। ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ କହିଛି, ଚଳିତ ବର୍ଷ ମୋଟ୍ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସହରାଞ୍ଚଳ ପରିମଳ ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ ପାଇଁ ଏକ ସ୍ମାର୍ଟ ପଦ୍ଧତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି।

## ଅଲ୍ ପାର୍ଟି ମିଟିଂ

ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ସରକାର ଆସନ୍ତା ୨୦ ତାରିଖ ରବିବାର ଦିନ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ବୈଠକ ସମୟରେ ସଂସଦର ଉଭୟ ଗୃହର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ରାଜନୈତିକ ଦଳଙ୍କଠାରୁ ସହଯୋଗ ଲୋଡ଼ିବେ । ମୌସୁମ ଅଧୀବେଶନ ଚଳିତମାସ ୨୧ ତାରିଖରୁ ଆସନ୍ତା ମାସ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଅଧିବେଶନ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ଆଲୋଚନା ଏବଂ ପାରିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଏସ୍‌ସି-ପଲିଟିକାଲ୍ ପାର୍ଟିଜ୍

ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ  ଆଞ୍ଚଳିକତା ଏବଂ ଧର୍ମକୁ ବ୍ୟବହାର କରୁଥିବା ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ସମାଜରେ ଏହା ସାଂପ୍ରଦାୟିକ ବିଭାଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଗଣତନ୍ତ୍ର ପ୍ରତି ବିପଜ୍ଜନକ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏଆଇଏମ୍‌ଆଇଏମ୍ ଦଳର ପଞ୍ଜୀକରଣ ବାତିଲ କରିବା ସଂକ୍ରାନ୍ତ ଏକ ଆବେଦନର ବିଚାର ସମୟରେ ଏହା କହିଛନ୍ତି । ଏପରି

ଅଭ୍ୟାସ ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ହୋଇଥାଏ ବୋଲି ଖଣ୍ଡପୀଠ କହିଛନ୍ତି । ନିର୍ବାଚନୀ ସଂସ୍କାର ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । ଏଆଇଏମ୍ଆଇଏମ୍ ଦଳ ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ସଂପ୍ରଦାୟକୁ ସମର୍ଥନ ପ୍ରଦାନ କରୁଛି ଏବଂ ଏହା ଭାରତୀୟ ସମ୍ବିଧାନ ଅନୁଯାୟୀ ସ୍ୱୀକୃତିପ୍ରାପ୍ତ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ଧର୍ମକୁ ପ୍ରୋତ୍ସାହନ ପ୍ରଦାନ କରିବା ଯଦିଓ ବେଆଇନ ନୁହେଁ, କିନ୍ତୁ ଧର୍ମ କିମ୍ବା ଜାତି ଆଧାରରେ ଭୋଟ୍ ଭିକ୍ଷା କରିବା ନିର୍ବାଚନ ଆଇନର ଉଲ୍ଲଂଘନ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

## ଧରିତ୍ରୀ ଆବା-ଜନଭାଗିଦାରୀ

ଧରିତ୍ରୀ ଆବା ଜନଭାଗିଦାରୀ ଅଭିଯାନ-ସଚେତନତା ଏବଂ ହିତାଧିକାରୀ ଶିବିର ୨୦୨୫ ଲଦାଖର କାର୍ଗିଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟଟନ କାର୍ଯ୍ୟନିର୍ବାହୀ ପରିଷଦର କାଚୋ ମହମ୍ମଦ ଫିରୋଜ ଏହି ଏକମାସ ବ୍ୟାପୀ ଅଭିଯାନର ସଫଳ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଏବଂ ସହଯୋଗୀ ବିଭାଗ ଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିଥିଲେ । ସ୍ଥାନୀୟ ସଂପ୍ରଦାୟର ଅଂଶ ଗ୍ରହଣ ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ଫିରୋଜ ବିକାଶ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଏଲ୍ଏଏଚ୍‌ଡିସି କାର୍ଗିଲ୍ ନିରନ୍ତର ସମର୍ଥନ ପ୍ରଦାନ କରିବା ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଲ୍ଏଏଚ୍‌ଡିସି କାର୍ଗିଲର ଉପ-ଆୟୁକ୍ତ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର କହିଛନ୍ତି ଏହି ଅଭିଯାନ ମାଧ୍ୟମରେ ତୃଣମୂଳସ୍ତରରେ ସରକାରୀ ଯୋଜନା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିଲା । ଶିବିର ଅବସରରେ ହସ୍ତଗତ ହୋଇଥିବା ଅଭିଯୋଗ ଗୁଡ଼ିକର ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ସେ ସୂଚନା ଦେଇଥିଲେ ।

୧୪ଟି ବ୍ଲକରେ ମୋଟ୍ ୧୧୨ଟି ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କୁ ବାସସ୍ଥାନ, ପ୍ରମାଣପତ୍ର ବଣ୍ଟନ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଚାରାରୋପଣ ସହିତ ସମ୍ମାନିତ କରାଯାଇଥିଲା । ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ସୂଚନା ଷ୍ଟଲ୍ ସ୍ଥାପନ କରାଯାଇଥିଲା ।

## ମିଶ୍ରି-ଶ୍ରୀଲଙ୍କା

ଶ୍ରୀଲଙ୍କାର ୧୪ଟି ରାଜନୈତିକ ଦଳର ଏକ ୨୪ ଜଣିଆ ଯୁବ ପ୍ରତିନିଧିମଣ୍ଡଳୀ ଆଜି ନୂଆଦିଲ୍ଲୀଠାରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତ-ଶ୍ରୀଲଙ୍କା ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଏବଂ ଏଥିପାଇଁ ଭବିଷ୍ୟତର ରୂପରେଖ ପ୍ରସ୍ତୁତ କରିବାରେ ଏହି ଯୁବ ପ୍ରତିନିଧି ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସଚିବ ଶ୍ରୀ ମିଶ୍ରି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଏହି ଯୁବ ପ୍ରତିନିଧି ମଣ୍ଡଳୀ ଭାରତରେ ଦୁଇସପ୍ତାହ ରହଣି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

## ସିବିଏସ୍ଇ-ଅଏଲ୍ବୋର୍ଡ

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ଇ ବିଦ୍ୟାଳୟଗୁଡ଼ିକୁ ଅଏଲ୍ବୋର୍ଡ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଛନ୍ତି । ସିବିଏସ୍ଇ ପକ୍ଷରୁ ସବୁ ସ୍କୁଲ୍ର ମୁଖ୍ୟଙ୍କୁ ଚିଠି ମାଧ୍ୟମରେ ଏ ନେଇ ଅବଗତ କରାଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଷ୍ଟିକର ତଥା ସୁସ୍ଥ ଖାଦ୍ୟ ନେଇ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ ଶାରୀରିକ କାର୍ଯ୍ୟକଳାପ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣାଇବା ଉପରେ ସିବିଏସ୍ଇ ବୋର୍ଡ ଗୁରୁତ୍ୱାରୋପ କରିଛି । ସ୍କୁଲ୍ରେ ପାହାଚ ବ୍ୟବହାର,

ଛୋଟ ବ୍ୟାୟାମ ବିରତି ଏବଂ ଚାଲିବା ପାଇଁ ସ୍ୱତନ୍ତ୍ର ପଥ ପ୍ରସ୍ତୁତ କରିବାକୁ ସିବିଏସ୍‌ଇ ସ୍କୁଲ୍ ଗୁଡ଼ିକୁ ପରାମର୍ଶ ଦେଇଛି । ଲାନ୍‌ସେଟ୍ ଜିବିଡି ୨୦୨୧ ଆକଳନ ଅନୁଯାୟୀ, ଭାରତରେ ମେଦବହୁଳ ଲୋକଙ୍କ ସଂଖ୍ୟା ଆସନ୍ତା ୨୦୫୦ ମସିହା ସୁଦ୍ଧା ୪୫ କୋଟିରେ ପହଞ୍ଚିବ ।

## କୋଲକାତା-ଆର୍‌ଜି କର

କୋଲକାତା ଆର୍.ଜି. କର ମେଡ଼ିକାଲ କଲେଜ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ସଂଜୟ ରାୟଙ୍କ ଅପିଲ ପିଟିସନକୁ ଶୁଣାଣି ପାଇଁ କୋଲକାତା ହାଇକୋର୍ଟ ଗ୍ରହଣ କରିଛନ୍ତି । ଗତବର୍ଷ ଘଟିଥିବା ଏହି ମାମଲାରେ ସିଆଲଦାର ନିମ୍ନ ଅଦାଲତ ସଂଜୟ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛି । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସିବିଆଇ ମଧ୍ୟ ଏହି ମାମଲାରେ ହାଇକୋର୍ଟରେ ପିଟିସନ ଫାଇଲ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ମାସରେ କରାଯିବାକୁ ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି। ମୃତ ଡାକ୍ତରୀ ଛାତ୍ରୀଙ୍କ ପରିବାର ଏହି ମାମଲାରେ ପକ୍ଷଭୁକ୍ତ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି ।

## ଝାଡ଼ଖଣ୍ଡ-ନକ୍ସଲ

ଝାଡ଼ଖଣ୍ଡରେ ବୋକାରୋ ଜିଲ୍ଲାର ଜାଗେଶ୍ୱର ବିହାର ଥାନା ଅନ୍ତର୍ଗତ ଲୁଗୁ ପାହାଡ଼ର କାଶୀତାଙ୍ଗ ଜଙ୍ଗଲରେ ପୋଲିସ୍ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ରିପୋର୍ଟ ଅନୁଯାୟୀ ଉଭୟ ପାର୍ଶ୍ୱରୁ ଗୁଳି ଚଳାନା ଚାଲିଛି । ଏହି ଏନକାଉଣ୍ଟରରେ କୋବ୍ରା ବାଟାଲିୟନର ଜଣେ ସୈନିକ ଶହୀଦ ହୋଇଛନ୍ତି ।

ସୂଚନା ଅନୁଯାୟୀ, ଝାଡ଼ଖଣ୍ଡର କଠୋର ନକ୍ସଲବାଦୀ କୁନୱ୍ୱାର୍ ମାଁଝି ଯାହାଙ୍କ ଉପରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା । ସେ ମଧ୍ୟ ଏହି ଏନକାଉଣ୍ଟରରେ ନିହତ ହୋଇଛନ୍ତି । ସୁରକ୍ଷା ବାହିନୀ ପୋଲିସ୍, କୋବ୍ରା ବାଲାଟିୟନ୍ ଏବଂ ସିଆରପିଏଫ୍ ସହିତ ଏକ ବଡ଼ଧରଣର ମିଳିତ ଅଭିଯାନ ଆରମ୍ଭ ହୋଇଛି । ସୁରକ୍ଷାବାହିନୀ ନକ୍ସଲମାନଙ୍କୁ ଘେରି ରହିଛନ୍ତି । ନିକଟବର୍ତ୍ତୀ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି ଏବଂ ପ୍ରଶାସନକୁ ସତର୍କ କରାଯାଇଛି ।

---

## କ୍ରିକେଟ୍

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମହିଳା  ଆନ୍ତର୍ଜାତିକ ଏକଦିବସୀୟ ତିନିଟିକିଆ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ଖେଳାଯିବ । ଇଂଲଣ୍ଡର ସାଉଥମ୍ପଟନ୍‌ଠାରେ ଭାରତୀୟ ସମୟ ଅପରାହ୍ନ ସାଢ଼େ ୫ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଆଗାମୀ ମହିଳା ଆନ୍ତର୍ଜାତିକ ଦିନିକିଆ ବିଶ୍ୱକପ୍ ପ୍ରତିଯୋଗିତା ପୂର୍ବରୁ ଉଭୟ ଦଳ ମଧ୍ୟରେ ଏହା ଏକ ପ୍ରସ୍ତୁତି ଭାବେ ବିବେଚନା କରାଯାଉଛି। ହର୍‌ମନ୍‌ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ଦଳ ଇଂଲଣ୍ଡ ବିରୁଦ୍ଧରେ ଟି-୨୦ କ୍ରିକେଟ୍ ସିରିଜ୍‌କୁ ୩-୨ରେ ଅକ୍ତିଆର କରିବା ପରେ ଆତ୍ମବିଶ୍ୱାସର ସହ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଏହି ସିରିଜ୍‌କୁ ଜିତି ବିଜୟ ଅଭିଯାନକୁ ଭାରତୀୟ ମହିଳା ଦଳ ଜାରି ରଖିବ ବୋଲି ଆଶା କରାଯାଇଛି । ତିନିଟିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୯ତାରିଖରେ ଲର୍ଡସ୍‌ଠାରେ ଏବଂ ତୃତୀୟମ୍ୟାଚ୍ ଚେଷ୍ଟରଲିଷ୍ଟ୍ରିଟ୍ ପଡ଼ିଆରେ ଖେଳାଯିବ।

---

## ହକି

ଭାରତୀୟ ମହିଳା ହକି ଦଳର ଫରୱ୍ୱାର୍ଡ ଖେଳାଳି ଦୀପିକା ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ଆୱ୍ୱାର୍ଡ ୨୦୨୪-୨୫ ପୁରସ୍କାର ହାସଲ କରିଛନ୍ତି । ପ୍ରୋ-ହକିଲିଗ୍ ପ୍ରତିଯୋଗିତାରେ ବିଶ୍ୱର ଶୀର୍ଷମାନ୍ୟତା ପ୍ରାପ୍ତ ଦଳ ନେଦରଲ୍ୟାଣ୍ଡ୍‌ସ ବିପକ୍ଷରେ

ତାଙ୍କର ଆକର୍ଷଣୀୟ ଗୋଲ୍ ଯୋଗୁଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଗତ ୪ରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ବିଶ୍ୱ ପ୍ରଶଂସକଙ୍କ ଭୋଟ୍ ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପ୍ରୋ ହକି ଲିଗ୍‌ର ଭୁବନେଶ୍ୱର ସଂସ୍କରଣ ସମୟରେ ଗତ ଫେବୃୟାରୀ ମାସରେ ଦୀପିକା ଏହି ବିଜୟୀ ଗୋଲ୍ ପ୍ରଦାନ କରିଥିଲେ । ପୁରସ୍କାର ପାଇଁ ମନୋନୀତ ଅନ୍ୟ ଖେଳାଳିଙ୍କ ମଧ୍ୟରେ ସ୍ପେନ୍‌ର ପାଟ୍ରିସିଆ ଆଲ୍‌ଭାରେଜ୍, ଅଷ୍ଟ୍ରେଲିଆ ମହିଳା ହକି ଦଳ ଅଛନ୍ତି । ପୁରୁଷ ବର୍ଗରେ ବେଲ୍‌ଜିୟମର ଭିକ୍ଟର ୱେଗନେଜ୍ ଏହି ପୁରସ୍କାର ହାସଲ କରିଛନ୍ତି ।

---

## ଫୁଟବଲ୍-ଅଣ୍ଡର ୨୦ ୱିମାନ୍

୨୦ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ ଉଜ୍‌ବେକିସ୍ତାନ ବିପକ୍ଷରେ ଆଜି ତାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ । ତାସ୍‌କେଣ୍ଟର ଡୋଷ୍ଟଲିକ୍ ଷ୍ଟାଡିୟମ୍ ଠାରେ ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଖେଳାଯିବ । ଗତ ସୋମବାର ଅନୁଷ୍ଠିତ ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଥିଲା । ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍‌ସ୍କୋର କରିଥିଲେ । ଆସନ୍ତାମାସରେ ଅନୁଷ୍ଠିତ ହେବାକୁ ଥିବା ଏ.ଏଫ୍.ସି. ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଏହା ପ୍ରସ୍ତୁତି ଭାବେ ଗ୍ରହଣ କରାଯାଇଛି । ଯୋଗ୍ୟତା ପର୍ଯ୍ୟାୟରେ ଭାରତ' ଇଣ୍ଡୋନେସିଆ, ତୁର୍କମେନିସ୍ତାନ ଏବଂ ମ୍ୟାଁମାର୍ ସହ ମ୍ୟାଚ୍ ଖେଳିବ । ଆସନ୍ତାବର୍ଷ ଥାଇଲାଣ୍ଡରେ ଏ.ଏଫ୍.ସି. ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

---